ଧରିତ୍ରୀ
DHARITRI



ଆଇଆଇଟି ଭୁବନେଶ୍ୱରରେ ସୋମବାର ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଇଛି।

# ‘ଯୋଗ ଦ୍ୱାରା ଅନ୍ତର୍ନିହିତ ସାମର୍ଥ୍ୟର ବିକାଶ ହୁଏ’

ଖୋର୍ଦ୍ଧା ଅଫିସ/ଜଟଣୀ/ବେଗୁନିଆ, ୨୧।୬ (ଡି.ଏନ୍.ଏ)

ଜଟଣୀ ଅରଗୁଳସ୍ଥିତ ଆଇଆଇଟି ଭୁବନେଶ୍ୱର କ୍ୟାମ୍ପସରେ ସୋମବାର ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। କ୍ୟାମ୍ପସର କମ୍ୟୁନିଟି ହଲରେ ୨ଦିନ ଧରି ଆୟୋଜିତ ଅନ୍‌ଲାଇନ୍ ଯୋଗ ଶିବିରରେ ୩୫୦ ଛାତ୍ରୀଛାତ୍ରଙ୍କ ସମେତ ଆଇଆଇଟି ନିର୍ଦ୍ଦେଶକ ପ୍ରଫେସର ଆର୍.ଭି. ରାଜକୁମାର, ଫାକଲ୍‌ଟି ମେମ୍ବର, ଅଧିକାରୀ ଏବଂ କର୍ମଚାରୀଙ୍କ ସହ ସେମାନଙ୍କ ପରିବାର ସଦସ୍ୟ ଯୋଗ ଶିକ୍ଷା କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରଜ୍ଞା ମିଶନ ସମ୍ପାଦକ ସ୍ୱାମୀ ଅଚଳାନନ୍ଦ ଗିରି ଯୋଗଦେଇଥିଲେ। ମଣିଷ ମନ, ମସ୍ତିଷ୍କ ଓ ଶରୀର ଉପରେ ଯୋଗର ପ୍ରଭାବ ସମ୍ପର୍କରେ ସେ ବୁଝାଇଥିଲେ। ନିରନ୍ତର ଯୋଗ ଦ୍ୱାରା ବ୍ୟକ୍ତିର ଅନ୍ତର୍ନିହିତ ସାମର୍ଥ୍ୟର ବିକାଶ ହୁଏ ବୋଲି ସେ କହିଥିଲେ। କୁଳସଚିବ ଦେବରାଜ ରଥ, ସିଆଇଟିଏସ୍‌ସି ଚେୟାରମ୍ୟାନ ଡ. ଭରତରାମ ରାମକୁମାର ଉପସ୍ଥିତ ଥିଲେ। ଡ. ଶ୍ରୀକାନ୍ତ ଗୋଲାପୁଡି ଏବଂ ଡ. ବଙ୍କିମ ଚନ୍ଦ୍ର ମଣ୍ଡଳ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ସେହିପରି ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ (ଜଟଣୀ) ପକ୍ଷରୁ ଯୋଗ ଦିବସ ପାଳନ କରାଯାଇଛି। ମଣ୍ଡଳ ପ୍ରବନ୍ଧକ ଶଶିକାନ୍ତ ସିଂ, ପୂର୍ବତଟ ମହିଳା କଲ୍ୟାଣ ସଙ୍ଗଠନ ସଭାନେତ୍ରୀ ପୂର୍ଣ୍ଣିମା ସିଂ ବିଭିନ୍ନ ଯୋଗାସନ କରିଥିଲେ। ରେଳବିଭାଗର କର୍ମଚାରୀମାନେ ଘରେ ରହି ଯୋଗାସନ କରିଥିଲେ। ପ୍ରତିଦିନ ଯୋଗାଭ୍ୟାସ କରିବା ପାଇଁ ମଣ୍ଡଳ ପ୍ରବନ୍ଧକ ଶଶିକାନ୍ତ ସିଂ ସମସ୍ତ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ବିଭିନ୍ନ ରେଳ ଷ୍ଟେଶନରେ ପୋଷ୍ଟର ଓ ଭିଡିଓ ପ୍ରଦର୍ଶନ କରି ସଚେତନତା ସୃଷ୍ଟି କରାଯାଉଥିବା ରେଲୱେର ଲୋକସମ୍ପର୍କ ବିଭାଗ ପକ୍ଷରୁ କୁହାଯାଇଛି।

ଖୋର୍ଦ୍ଧାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଯାଇଛି। ଗୀତାଭବନ ପରିସରରେ ପତଞ୍ଜଳି ଯୋଗ ସମିତି ପକ୍ଷରୁ ଯୋଗାସନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସିଗ୍‌ମା ପବ୍ଲିକ୍ ସ୍କୁଲ ପକ୍ଷରୁ ଭର୍ଚ୍ଚୁଆଲରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଥମରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଅଂଶଗ୍ରହଣ କରିଥିଲେ। ଯୋଗ ଗୁରୁ ସୀତାକାନ୍ତ ପଣ୍ଡା ଯୋଗଭ୍ୟାସ କରାଇଥିଲେ। ସୂର୍ଯ୍ୟ ନମସ୍କାର, ଶାରୀରିକ ବ୍ୟାୟମ, ପ୍ରାଣାୟମ, ଧ୍ୟାନ ପ୍ରଭୃତି ଶିକ୍ଷା ପ୍ରଦାନ କରିଥିଲେ। କରୋନା ସମୟରେ ପିଲାମାନେ କିପରି ସୁସ୍ଥ ରହିବେ ତାହା ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ଅଧ୍ୟକ୍ଷା ମମତାଞ୍ଜଳି ପଟ୍ଟନାୟକ କହିଛନ୍ତି। ଆଗକୁ ପ୍ରତି ଶ୍ରେଣୀ ଶିକ୍ଷକଙ୍କ ଜରିଆରେ ଦୈନିକ ଯୋଗଭ୍ୟାସ କରାଯିବ ବୋଲି ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷ ଶୁଭ୍ରାଂଶୁ ସାମନ୍ତରାୟ କହିଛନ୍ତି। ସେହିପରି ଶ୍ରୀରାମ ନଗର, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ଖୋର୍ଦ୍ଧା ନଗର ପକ୍ଷରୁ ଯୋଗ ଦିବସ ପାଳିତ ହୋଇଥିଲା। ବେଗୁନିଆ ବ୍ଲକର ପରିଛଳ ଗ୍ରାମସ୍ଥିତ ଦୟାନନ୍ଦ ଆଦର୍ଶ ଗୁରୁକୁଳ ଶିକ୍ଷାଶ୍ରମ ପରିସରରେ ଯୋଗ ଦିବସ ପାଳନ ହୋଇଥିଲା। ଯୋଗ ଗୁରୁ ରମେଶ ଚନ୍ଦ୍ର ସାହୁ ଓ ସଞ୍ଜୟ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଯୋଗାଭ୍ୟାସ ଅନୁଷ୍ଠିତ ହୋଇଥିଲା।